ISSN -2583-147X(P), **Vol.- 9, Issue No.II, May 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ଓଡ଼ିଆ ଆଦିବାସୀ ଉପନ୍ୟାସରେ ନାରୀ

**ବର୍ଷା ମିଶ୍ର**

ଓଡ଼ିଶା ଏକ ଆଦିବାସୀ ବହୁଳ ରାଜ୍ୟ । ଏ ରାଜ୍ୟର ଆଦିମ ଅଧିବାସୀଙ୍କୁ ଆଦିବାସୀ କୁହାଯାଏ । ଏମାନେ ସଭ୍ୟ ସମାଜଠୁଁ ବିଚ୍ଛିନ୍ନ ହୋଇ ଅରଣ୍ୟ, ପାହାଡ, ପର୍ବତରେ ବସବାସ କରନ୍ତି । ପ୍ରକୃତି ଏମାନଙ୍କ ଜୀବନଯାପନର ମାଧ୍ୟମ । ଓଡ଼ିଶାରେ ବାଷଠି ପ୍ରକାରର ଆଦିବାସୀ ସଂପ୍ରଦାୟ ଦେଖାଯାନ୍ତି । ପ୍ରତ୍ୟେକ ସଂପ୍ରଦାୟରେ କେତେକ ସାମାଜିକ ଓ ସାଂସ୍କୃତିକ ବିବିଧତା ରହିଛି । ଏହା ସତ୍ତ୍ୱେ ଏମାନଙ୍କ ମଧ୍ୟରେ କେତେକ ସାଧାରଣ ସମାନତା ଦେଖାଯାଏ । ଏହି ବିଶେଷତା ସେମାନଙ୍କ ପ୍ରତି ଦୃଷ୍ଟି ଆକର୍ଷଣ କରାଏ । ଏମାନଙ୍କ ସମାଜରେ ନାରୀର ଭୂମିକା ତାତ୍ପର୍ଯ୍ୟପୂର୍ଣ୍ଣ । ସଭ୍ୟ ସମାଜରେ ନାରୀ ନିଜର ଅଧିକାର ପାଇଁ ସଂଗ୍ରାମରତ ଥିବା ବେଳେ ଏମାନଙ୍କ ସମାଜରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମାନବ ଇତିହାସରେ ନାରୀ ପରାଧିନତାର ବେଷ୍ଟନୀରେ ଆବଦ୍ଧ ଥିବାବେଳେ ଆଦିବାସୀ ନାରୀ ସେମାନଙ୍କ ସମାଜ ଓ ସଂସ୍କୃତିର ପ୍ରତି'ଳନ ସାଜିଛି । ଯଥାର୍ଥରେ କହିଲେ ନାରୀର ସ୍ଥିତି, ଭୂମିକା, ପ୍ରତିଷ୍ଠା, ମର୍ଯ୍ୟାଦାର ଆଲୋଚନା ମାଧ୍ୟମରେ ହିଁ ସେମାନଙ୍କ ସମାଜ ଓ ସଂସ୍କୃତିକୁ ସୂଚାରୁ ରୂପେ ଜାଣି ହେବ ।

ସଂପ୍ରତି ଆଧୁନିକତାର ପ୍ରଭାବରେ ଏମାନଙ୍କ ସମାଜ ବହୁ ଦିଗରେ ପରିବର୍ତ୍ତିତ ହେବାରେ ଲାଗିଛି । ଆଦିବାସୀ ନାରୀର ପାରଂପାରିକତା ସଂପୂର୍ଣ୍ଣ ଲୋପ ନ ପାଇଲେ ମଧ୍ୟ ବଦଳିବାରେ ଲାଗିଛି । ସଭ୍ୟ ସମାଜର ସଂସ୍ପର୍ଶରେ ସେମାନଙ୍କ ପରଂପରା, ରୀତି, ନୀତି, ବିଧିବିଧାନ, ସଂସ୍କୃତି, ଐତିହ୍ୟ ଏବଂ ସାମାଜିକ ଜୀବନ ପ୍ରଭାବିତ ହେବାରେ ଲାଗିଛି । ଆଦିବାସୀ ନାରୀର ବେଶପୋଷାକ, ଜନ୍ମ ମୃତ୍ୟୁ, ପରିବାରରେ ସେମାନଙ୍କ ଭୂମିକା, ସମାଜରେ ସେମାନଙ୍କ ସ୍ଥାନ, ବୈବାହିକ ଜୀବନ, ମାତୃତ୍ୱ, ପ୍ରେମ ଆଦିରୁ ସେମାନଙ୍କ ପାରଂପରିକ ଜୀବନଧାରା ସଂପର୍କରେ ଜାଣିହୁଏ । ବାସ୍ତବ ଜୀବନରେ କେବଳ ନୁହେଁ ସାହିତ୍ୟ କ୍ଷେତ୍ରରେ ମଧ୍ୟ ନାରୀର ଗୁରୁତ୍ୱ ରହିଛି । ସଂପ୍ରତି ସାହିତ୍ୟର ବହୁ ବିଭାଗରେ ନାରୀର ଗୁରୁତ୍ୱ ସଂପର୍କରେ ଆଲୋଚନା କରାଯାଉଛି । ଓଡ଼ିଆ ଆଦିବାସୀ ଉପନ୍ୟାସମାନଙ୍କରେ ନାରୀ ଭିନ୍ନ ରୂପରେ ଆସିଛି । ଭିନ୍ନ ଭିନ୍ନ ସମୁଦାୟର ନାରୀ ଉପନ୍ୟାସ ମଧ୍ୟରେ ସେମାନଙ୍କ ସମାଜ ଓ ସଂସ୍କୃତିକୁ ଦର୍ଶାଇଛନ୍ତି । ଏଣୁ ନାରୀକୁ ଗୁରୁତ୍ୱ ପ୍ରଦାନ କରାଯାଇ ରଚିତ ହୋଇଥିବା ଆଦିବାସୀ ଉପନ୍ୟାସକୁ ଆଧାର କରି ଏ ସଂପର୍କରେ ଆଲୋଚନା କରାଯାଇପାରିବ ।

**୧୯୭୫ ମସିହା ପୂର୍ବବର୍ତ୍ତୀ ଓଡ଼ିଆ ଆଦିବାସୀ ଉପନ୍ୟାସରେ ନାରୀ :**

୧୯୭୫ ମସିହା ପୂର୍ବରୁ ଆଦିବାସୀ ସମାଜ ସଭ୍ୟ ସମାଜଠାରୁ ବିଚ୍ଛିନ୍ନ ଭାବରେ ବସବାସ କରୁଥିଲେ । ଆଧୁନିକ ସଭ୍ୟତାର କୌଣସି ଛାପ ଏମାନଙ୍କ ସମାଜରେ ନଥିଲା । ନିଜସ୍ୱ ପରଂପରା ଏବଂ ସଂସ୍କୃତି ମଧ୍ୟରେ ଏମାନେ ଆବଦ୍ଧ ଥିଲେ । ଫଳରେ ଏମାନଙ୍କ ନିଜସ୍ୱତା ପ୍ରକାଶ ପାଉଥିଲା । ଏଣୁ ୧୯୭୫ ପୂର୍ବବର୍ତ୍ତୀ ଆଦିବାସୀ ଉପନ୍ୟାସ ମଧ୍ୟରେ ବିଶେଷତଃ ସଂସ୍କୃତିର ସ୍ୱରୂପ ପରିଲକ୍ଷିତ ହୁଏ । ଆଦିବାସୀ ସଂସ୍କୃତି ସଭ୍ୟ ମଣିଷର ସଂସ୍କୃତିଠାରୁ ଭିନ୍ନ । ଅଣଆଦିବାସୀ ମଣିଷ ମନରେ ଏମାନଙ୍କ ସଂସ୍କୃତି ପ୍ରତି ସର୍ବଦା କୌତୂହଳ ସୃଷ୍ଟି ହୋଇଛି । ଏଣୁ ଆଦିବାସୀ ଉପନ୍ୟାସ ମୂଳରୁ ଏହି ସମ୍ବନ୍ଧୀୟ ଧାରଣା ପ୍ରାପ୍ତ କରିହୁଏ । ଆଦିବାସୀ ସମାଜରେ ନାରୀକୁ ପାରଂପାରିକ ସଂସ୍କୃତିର ପ୍ରତୀକ ଭାବରେ ଗ୍ରହଣ କରାଯାଇପାରେ । 'ପରଜା'(୧୯୪୫), 'ଅମୃତର ସନ୍ତାନ'(୧୯୪୯), 'ବନ ଗହନର ତଳେ'(୧୯୪୭) ଆଦି

ଉପନ୍ୟାସରେ ନାରୀର ସଂସ୍କୃତିଗତ ରୂପ ପ୍ରକାଶିତ । କନ୍ଧ, ପରଜା ଇତ୍ୟାଦି ସମ୍ପ୍ରଦାୟରେ ନାରୀର ଗୁରୁତ୍ୱ, ବେଶଭୂଷା, ଖାଦ୍ୟପେୟ, ପର୍ବପର୍ବାଣି, ପ୍ରେମ, ବିବାହ, ଜନ୍ମମୃତ୍ୟୁ, କର୍ତ୍ତବ୍ୟ ଆଦିର ବର୍ଣ୍ଣନା ଏଥିରେ ଦେଖାଯାଏ ।

ଉପନ୍ୟାସ ମଧ୍ୟରେ ସ୍ଥାନ ପାଇଥିବା ନାରୀ ଚରିତ୍ରଙ୍କୁ ମୁଖ୍ୟ, ଗୌଣ, ସରଳ-ବର୍ତ୍ତୁଳ ଆଦି ଭେଦରେ ଭାଗ କରାଯାଇପାରେ । ପ୍ରାୟ ସମସ୍ତ ଉପନ୍ୟାସର ମୁଖ୍ୟ ନାରୀଚରିତ୍ର ଆଦିବାସୀ ସଂପ୍ରଦାୟର । ଏମାନଙ୍କ ମଧ୍ୟରେ କେତେକ ପ୍ରତିନିଧି ଶ୍ରେଣୀୟ ଚରିତ୍ର ମଧ୍ୟ ଅଛନ୍ତି । 'ପରଜା' (୧୯୪୫)ର ଜିଲି, 'ଅମୃତର ସନ୍ତାନ' (୧୯୪୯)ର ପୁୟୁ, 'ବନଗହନର ତଳେ'(୧୯୪୭)ର ସୁନା, ଲତା ଆଦି ଚରିତ୍ର ଏହି ସ୍ଥାନୀୟ । ଚରିତ୍ର ଦୃଷ୍ଟିରୁ ନାରୀକୁ ଶୋଷିତା ବା ନିର୍ଯାତିତା, ପ୍ରତିବାଦୀ, ଶିକ୍ଷିତା, ନାରୀର ମନସ୍ତାତ୍ତ୍ୱିକ ଦିଗ ଓ ପ୍ରତିନିଧିଶ୍ରେଣୀୟ ନାରୀ ପ୍ରଭୃତି ଦୃଷ୍ଟିରୁ ବିଚାର କରାଯାଇପାରେ ।

ଦୁର୍ବଳା ଚିରକାଳ ଶୋଷିତା । ଆଦିବାସୀ ସମାଜରେ ଦୃଷ୍ଟିଗୋଚର ହେଉଥିବା ଶୋଷଣ ମଧ୍ୟରେ ନାରୀ ଶୋଷଣ ଅନ୍ୟତମ । ଗ୍ରାମରେ ବାସ କରୁଥିବା ଜମିଦାର, ସାହୁକାର କିମ୍ବା ଅନ୍ୟାନ୍ୟ ଉଚ୍ଚପଦସ୍ଥ ବ୍ୟକ୍ତି ଏ ଶୋଷଣ ପାଇଁ ଦାୟୀ । ନାରୀମାନେ ନିଜ ସମାଜରେ ମିଳିମିଶି ଚଳୁଥିବା ଡମ, ବାରିକ ପ୍ରଭୃତି ବ୍ୟକ୍ତିବିଶେଷଙ୍କ ଦ୍ୱାରା ମଧ୍ୟ ଶୋଷିତ ହୋଇଛନ୍ତି । ଆଦିବାସୀ ନାରୀ ସରଳ ବିଶ୍ୱାସୀ ଏବଂ ଛନ୍ଦ କପଟହୀନ । ଏଣୁ ସେ ବାରଂବାର ନିର୍ଯାତିତା ହୋଇଛି । 'ପରଜା'(୧୯୪୫), 'ଅମୃତର ସନ୍ତାନ' (୧୯୪୯) ଆଦି ଉପନ୍ୟାସରେ ଏହି ଶୋଷଣର ନିଚ୍ଛକ ଚିତ୍ର ପରିଦୃଷ୍ଟ । ଏଥିସହିତ ନାରୀର ସୁରକ୍ଷିତ ଓ ଅସୁରକ୍ଷିତ ଅବସ୍ଥାର ଚିତ୍ର ମଧ୍ୟ ଉପନ୍ୟାସରେ ସ୍ଥାନିତ ।

ଏହି କାଳର ଉପନ୍ୟାସଗୁଡ଼ିକରେ ଆଦିବାସୀ ନାରୀ ଏକ ପରଂପରାଗତ ଜୀବନ ବଂଚିଛି । ସେ ଜମିଦାର, ସାହୁକାର ଏବଂ ନିଜ ସମାଜର ଲୋକଙ୍କ ଦ୍ୱାରା ଶୋଷିତା ଓ ନିର୍ଯାତିତା । ଶୋଷଣର ଯନ୍ତ୍ରଣାରେ ଯଦିଓ ତା ଭିତରେ ବିଦ୍ରୋହର ସ୍ୱର ସୃଷ୍ଟି ହୋଇଛି । ମାତ୍ର ସେ ପ୍ରତିବାଦ କରିବାର ସାହସ କରିପାରି ନାହିଁ । ଯେପରି 'ପରଜା' (୧୯୪୫)ର ଜିଲି ସାହୁକାର ଦ୍ୱାରା ଶୋଷଣର ଶିକାର ହୋଇଛି କିନ୍ତୁ ପ୍ରତିବାଦ କରିପାରିନି । ଏହା ଉକ୍ତ ସମୟରେ ନାରୀର କ୍ଷମତାକୁ ସୂଚିତ କରେ । 'ଅମୃତର ସନ୍ତାନ' (୧୯୪୯)ରେ ପୁୟୁ ନିଜ ସ୍ୱାମୀ ଦ୍ୱାରା ପରିତ୍ୟକ୍ତା ଓ ମାନସିକ ସ୍ତରରେ ସେ ନିର୍ଯାତିତା । ଏଣୁ ସେ ନିଜ ସ୍ୱାମୀ ଓ ସଉତୁଣୀଠାରୁ ବିଚ୍ଛିନ୍ନ ସ୍ୱାଧୀନ ଜୀବନ ବଚିଂବାର ସ୍ୱପ୍ନ ଦେଖିଛି । ଯାହା ତାର ସ୍ୱାଭିମାନ ଲାଗି ପ୍ରତିବାଦର ସ୍ୱର ସଦୃଶ । ପୁୟୁଠାରୁ ଏହି ପ୍ରତିବାଦର ରୀତି ଆରମ୍ଭ ହୋଇ ଆଦର୍ଶର ରୂପ ନେଇଛି 'ଆୟାମାର୍ଗାରେଟ' (୧୯୭୧)ର ମାର୍ଗାରେଟ ଚରିତ୍ର ମ୍ନରେ । ମାର୍ଗାରେଟ ଖ୍ରୀଷ୍ଟଧର୍ମ ଗ୍ରହଣକରି ନିଜ ଆଦିବାସୀ ସମାଜର ସେବା ଓ ତ୍ୟାଗକୁ ନିଜ ଭିତରେ ଧରିରଖିଛି । ଆଧୁନିକ ଶିକ୍ଷା ଓ ମାନବୀୟ ଗୁଣ ତାର ପ୍ରତିବାଦର କ୍ଷମତାକୁ ବଳିଷ୍ଠ କରିଛି । 'ପରଜା'ଠୁଁ 'ଆୟାମାର୍ଗାରେଟ' ପର୍ଯ୍ୟନ୍ତ ଉପନ୍ୟାସରେ ନାରୀର ପ୍ରତିବାଦୀ ସ୍ୱରୂପ ଧିରେ ଧିରେ ବଳିଷ୍ଠ ରୂପ ନେଇଛି ।

ଆଦିବାସୀ ସମାଜର ଅଗ୍ରଗତିରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶିକ୍ଷାଲାଭ କରିବା ଦ୍ୱାରା ଆଦିବାସୀମାନେ ନିଜ ଅଂଚଳର ଉନ୍ନତି ବିଧାନ କରିପାରିବେ । ନାରୀ ପରିବାରର ଅନ୍ୟତମ ଅର୍ଥ ଉପାର୍ଜନକାରିଣୀ । ଏଣୁ ନାରୀଶିକ୍ଷା ଆଦିବାସୀ ସମାଜରେ ଅତ୍ୟନ୍ତ ଜରୁରୀ । ସରକାରଙ୍କ ବହୁ ଯୋଜନା ଏବଂ ସ୍ୱତନ୍ତ୍ର ପ୍ରକଳ୍ପ ସତ୍ତ୍ୱେ ଓଡ଼ିଶାରେ ଆଦିବାସୀ ନାରୀଶିକ୍ଷାର ପ୍ରସାର ଘଟିପାରିନାହିଁ । ୧୯୭୫ ପୂର୍ବବର୍ତ୍ତୀ ଆଦିବାସୀ ଉପନ୍ୟାସରେ ନାରୀର ବୁଦ୍ଧିମତ୍ତା, ଧୀଶକ୍ତି, କର୍ମକୁଶଳତାର ପରିଚୟ ମିଳେ । କିନ୍ତୁ ଶିକ୍ଷା କ୍ଷେତ୍ରରେ ଏମାନଙ୍କର କୌଣସି ଅଗ୍ରଗତିର ସୂଚନା ମିଳେନାହିଁ । 'ଆୟାମାର୍ଗାରେଟ'(୧୯୭୧) ଉପନ୍ୟାସଟି ମ୍ନରେ ମାର୍ଗାରେଟ ଚରିତ୍ରଟି ଶିକ୍ଷା କ୍ଷେତ୍ରରେ ବ୍ୟତିକ୍ରମ ସାଜିଛି । ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିବା ପରେ ତାକୁ ବିଦ୍ୟାଶିକ୍ଷା ଓ ବିଦେଶ ଯିବାପାଇଁ ସୁଯୋଗ ମିଳିଛି । ଫଳରେ ସେ ତ୍ୟାଗ, ସେବା, ଧୈର୍ଯ୍ୟ ଆଦି ମାନବୀୟ ଗୁଣର ଅଧିକାରିଣୀ ହୋଇ ନିଜ ସମୁଦାୟର ଅଗ୍ରଗତି ନିମନ୍ତେ କାର୍ଯ୍ୟ କରିଛି । ଏହି କାଳଖଣ୍ଡରେ ରଚିତ ଉପନ୍ୟାସମାନଙ୍କରେ ଶିକ୍ଷିତା ନାରୀ ଚରିତ୍ର ଯଦିଓ ସ୍ଥାନ ପାଇନାହାଁନ୍ତି, ତଥାପି ମାର୍ଗାରେଟ ଚରିତ୍ରଟି ଶିକ୍ଷିତ ।

ଏହି ପର୍ଯ୍ୟାୟରେ ରଚିତ ଉପନ୍ୟାସ ମଧ୍ୟରେ କେତେକ ନାରୀ ଚରିତ୍ର ଆଦିବାସୀ ମାନସିକତାର ପ୍ରତିନିଧିତ୍ୱ କରନ୍ତି । 'ପରଜା'(୧୯୪୫)ର ଜିଲି ଚରିତ୍ରଟି ନିର୍ଯାତିତା ନାରୀ ମାନଙ୍କର ପ୍ରତିନିଧିତ୍ୱ କରେ । ସେହିପରି 'ଆୟାମାର୍ଗାରେଟ'(୧୯୭୧)ର ମାର୍ଗାରେଟ ଚରିତ୍ରଟି ଆଦର୍ଶ ନାରୀମାନଙ୍କର ଏବଂ 'ଅମୃତର ସନ୍ତାନ'(୧୯୪୯)ର ପୁୟୁ ଚରିତ୍ରଟି ଆତ୍ମନିର୍ଭରଶୀଳା ଓ ସ୍ୱାଭିମାନୀ

ନାରୀମାନଙ୍କର ପ୍ରତିନିଧିତ୍ୱ କରେ । ଏହି ନାରୀ ଚରିତ୍ରମାନେ ଏକ ନିର୍ଦ୍ଦିଷ୍ଟ ସମୟର ନାରୀମାନଙ୍କର ପ୍ରତିନିଧିତ୍ୱ କରିଛନ୍ତି । ଏହାଦ୍ୱାରା ଉକ୍ତ ସମୟର, ନାରୀମାନଙ୍କର ବିଶେଷ ପରିଚୟ ଏଥିରୁ ମିଳେ ।

ମଣିଷର ମନ ଆଶା, ଆକାଂକ୍ଷା, କାମନା, ବାସନା ଆଦିର ଗନ୍ତାଘର । ଫ୍ରଏଡଙ୍କ ମତରେ, ମଣିଷର ଚେତନ ମନ ସ୍ୱତନ୍ତ୍ର ନୁହେଁ , ବରଂ ଏହା ଅବଚେତନ ମନ ଦ୍ୱାରା ପରିଚାଳିତ ହୋଇଥାଏ । ଏହି ସମୟର ଉପନ୍ୟାସରେ ଔପନ୍ୟାସିକମାନେ ନାରୀର ଅବଚେତନ ମନ ତଳର ଭାବାନ୍ତରକୁ ଚମ୍ତ୍କାର ରୂପ ଦେଇଛନ୍ତି । 'ଅମୃତର ସନ୍ତାନ' (୧୯୪୯)ର ପୁୟୁ ଚରିତ୍ରଟି ଏ କ୍ଷେତ୍ରରେ ସାର୍ଥକ ଉଦାହରଣ । ଜଣେ ନାରୀ ପତ୍ନୀ, ମା' ଭାବରେ ତା ମନରେ ସୃଷ୍ଟି ହୋଇଥିବା କ୍ରିୟା, ପ୍ରତିକ୍ରିୟା, ଭାବାନ୍ତରକୁ ଏହି ଉପନ୍ୟାସରେ ନିଖୁଣ ଭାବରେ ଚିତ୍ରଣ କରାଯାଇଛି । ନିଜର ସ୍ୱାଭିମାନ ଏବଂ ଆତ୍ମସମ୍ମାନ ଲାଗି ସେ ମନ ଭିତରେ ବିଦ୍ରୋହ କରିଉଠିଛି । ଏଥିପାଇଁ ସେ ପରଂପରାର ସୀମା ମଧ୍ୟ ଟପି ଯିବାକୁ ଚିନ୍ତନ କରିଛି । 'ପରଜା' (୧୯୪୫)ର ଜିଲି, 'ବନଗହନର ତଳେ'(୧୯୪୭)ର ସୁନା ମନତଳର ଆଲୋଡନକୁ ମନ ଭିତରେ ମାରି ଦେଇଥିବା ବେଳେ ପୁୟୁ, ମାର୍ଗାରେଟ ଚରିତ୍ର ଏହାର ବ୍ୟତିକ୍ରମ ସାଜିଛନ୍ତି । ଏମାନେ ନିଜ ଭାବନାକୁ ବାସ୍ତବ ରୂପ ଦେବାକୁ ପ୍ରଚେଷ୍ଟା କରିଛନ୍ତି ।

୧୯୭୫ ମସିହା ପୂର୍ବବର୍ତ୍ତୀ ଆଦିବାସୀ ଉପନ୍ୟାସରେ ନାରୀର କେତେକ କ୍ଷେତ୍ରରେ ସ୍ୱାଧୀନତା ରହିଥିଲେ ହେଁ ସେ ଏକ ପରାଧୀନ ସମାଜରେ ବାସ କରିଛି । ବହୁ ଶୋଷଣ ଓ ନିର୍ଯାତନାର ଶିକାର ହେବାପରେ ମଧ୍ୟ ସେ ପ୍ରତିବାଦ କରିପାରିନି । ଏହି କାଳର ନାରୀକୁ ଅନ୍ୱେଷଣ କଲେ ଆଦିବାସୀ ସମାଜର ସଂସ୍କୃତିକୁ ଜାଣିହୁଏ । ଆଦିବାସୀ ନାରୀର ମୂଳରୂପ ଏହି ଉପନ୍ୟାସଗୁଡ଼ିକରୁ ବୁଝିହୁଏ ।

**୧୯୭୫ ମସିହା ପରବର୍ତ୍ତୀ ଓଡ଼ିଆ ଆଦିବାସୀ ଉପନ୍ୟାସରେ ନାରୀ :** ୧୯୭୫ ମସିହା ପୂର୍ବବର୍ତ୍ତୀ କାଳର ଉପନ୍ୟାସରେ ବହୁ ନିତୀନିୟମ ମଧ୍ୟରେ ନିଜର ଅଧିକାର ପାଇଁ ନାରୀ କେବେ ମୁହଁ ଖୋଲିନଥିଲା । ବହୁ କ୍ଷେତ୍ରରେ ନାରୀର ସ୍ୱତନ୍ତ୍ରତା ରହିଥିଲା ମାତ୍ର ତାହା ତା ନିଜ ସମାଜ ମଧ୍ୟରେ ସୀମିତ ଥିଲା । ୧୯୭୫ ପରବର୍ତ୍ତୀ କାଳର ଉପନ୍ୟାସରେ ନାରୀର ସଂସ୍କୃତି, ପୋଷାକ - ପରିଚ୍ଛେଦ, ଖାଦ୍ୟପେୟ, ଜୀବନଯାପନ ଶୈଳୀରେ ପରିବର୍ତ୍ତନ ସ୍ପଷ୍ଟ ପରିଦୃଷ୍ଟ । ଏହି ସମୟର ଉପନ୍ୟାସରେ ଆଦିବାସୀ ପରଂପରା ଓ ସଂସ୍କୃତିର ଚିତ୍ର ବିଶେଷ ଦେଖାଯାଇ ନାହିଁ । ଏହା ମଧ୍ୟରେ ନାରୀର ସଂସ୍କୃତିଗତ ରୂପ ବଦଳରେ ଆଧୁନିକ ରୂପ ଦେଖିବାକୁ ମିଳେ । ଫଳରେ ନାରୀର ନିତିଦିନିଆ ଜୀବନ ମଧ୍ୟରେ ସଂସ୍କୃତି ଦୃଷ୍ଟିରୁ ଆଦିବାସୀ ନାରୀର ଜନ୍ମମୃତ୍ୟୁ, ବେଶପୋଷାକ, ଖାଦ୍ୟପେୟ, ପର୍ବପର୍ବାଣି, ପ୍ରେମ, ବିବାହ, ପରିବାର ଆଦି ମଧ୍ୟରେ ଆସିଥିବା ପରିବର୍ତ୍ତନ ଦେଖିବାକୁ ମିଳେ । ପୁନଶ୍ଚ ଚରିତ୍ର ଦୃଷ୍ଟିରୁ ନାରୀ ମୁଖ୍ୟ, ଗୌଣ, ସରଳ, ବର୍ତ୍ତୁଳ, ଖଳ ଆଦି ରୂପରେ ଆସିଛି । ଉପନ୍ୟାସ ମଧ୍ୟରେ ନାରୀର ଶୋଷଣ, ପ୍ରତିବାଦ, ଶିକ୍ଷା, ଅବକ୍ଷୟ ଆଦି ଦିଗ ସଂପର୍କରେ ଦୃଷ୍ଟି ପ୍ରଦାନ କରାଯାଇପାରେ ।

ଏହି ସମୟର ଉପନ୍ୟାସରେ ନାରୀ ଶୋଷଣର ମାତ୍ରା ବୃଦ୍ଧି ପାଇଥିବା ଦେଖିବାକୁ ମିଳେ । ଜମିଦାର, ସାହୁକାର, ପ୍ରଶାସନିକ ଅଫିସର, ଅଣଆଦିବାସୀ ମଣିଷ ପ୍ରଭୃତିଙ୍କ ଦ୍ୱାରା ଆଦିବାସୀ ନାରୀ ନିର୍ଯାତିତା ଓ ଶୋଷିତା । 'ଆଦିମ ଅରଣ୍ୟ' (୧୯୯୫)ର ଧାନୀ, 'କାହାଣୀ ସବୁଜ ଉପତ୍ୟକା' (୧୯୮୫)ର ଗୁରୁବାରୀ, 'ପଲସା' (୨୦୧୫)ର ପଲସା ଓ ସୁଲି, 'ଜଙ୍ଗଲୀ'ର ଝିଲି, 'ଡାଲିମ୍ ବୋଲି ଝିଅଟିଏ' (୨୦୦୧)ର ଡାଲିମ୍, 'ଆମେ କୁଆଡେ ଯିବା ଶକୁନ୍ତଳା ?' (୨୦୦୩)ର ଶକୁନ୍ତଳା, 'କାହାଣୀ ଏକ ଆଦିମ ପରିବାରର' (୨୦୧୩)ର ପଦ୍ମା, ରୂପା ପ୍ରଭୃତି ନାରୀ ଚରିତ୍ର ଶୋଷଣର ଶିକାର ହୋଇଥିବା ଦେଖିବାକୁ ମିଳେ । ଏହି ଶୋଷଣ ପାଇଁ ଦାୟୀ କିଏ ? ସରକାରଙ୍କର ବହୁ ଯୋଜନା ଓ ପ୍ରକଳ୍ପ ସତ୍ତ୍ୱେ ନାରୀମାନେ କାହିଁକି ଯେ ଶୋଷଣର ଶିକାର ହେଉଛନ୍ତି ତାହା ଉପନ୍ୟାସ ମାନଙ୍କରେ ଦେଖିବାକୁ ମିଳେ ।

୧୯୭୫ ପରବର୍ତ୍ତୀ ଉପନ୍ୟାସରେ ଶୋଷଣ ଓ ନିର୍ଯାତନାର ବୃଦ୍ଧି ଘଟିଛି । ଏଣୁ ଏହି ସମୟର ନାରୀ ମୁଖରେ ପ୍ରତିବାଦୀ ସ୍ୱରୂପ ଦେଖିବାକୁ ମିଳେ । 'ରକ୍ତର ରଙ୍ଗ' (୧୯୯୭), 'ପଲସା'(୨୦୧୫), 'ଜଙ୍ଗଲୀ' (୨୦୧୧), 'ଲାସୁ' (୧୯୧୮), 'ଅରଣ୍ୟର ଅରୁନ୍ଧତୀ' (୨୦୧୧) ଇତ୍ୟାଦି ଉପନ୍ୟାସରେ ନାରୀର ପ୍ରତିବାଦୀ ରୂପ ପରିଲକ୍ଷିତ । କେତେକ ଉପନ୍ୟାସ ମଧ୍ୟରେ ଏହି ନାରୀ ଚରିତ୍ରମାନେ ନିଜର ଆତ୍ମରକ୍ଷା ଲାଗି ପ୍ରଶାସନିକ ଅଫିସର, ଜମିଦାର, ସାହୁକାର କିମ୍ବା ନିଜର କୌଣସି ବନ୍ଧୁ ଓ ସଂପର୍କୀୟଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି । ଅନ୍ୟପକ୍ଷରେ ଆଉ କେତେକ ଉପନ୍ୟାସରେ ଏମାନେ ନିଜ ସଂପ୍ରଦାୟ ଲାଗି ସରକାରଙ୍କ ବିପକ୍ଷରେ ନେତୃତ୍ୱ ନେଇଛନ୍ତି ।

ଏହି ଦିଗରୁ ପ୍ରତିବାଦୀ ନାରୀ ଚରିତ୍ରମାନଙ୍କୁ ସାମୂହିକ ଏବଂ ବ୍ୟକ୍ତିବିଶେଷ ଭେଦରେ ଗ୍ରହଣ କରାଯାଇପାରିବ । ଆଦିବାସୀ ନାରୀ ସରଳ ଏବଂ ସହନଶୀଳ । ମାତ୍ର ଶୋଷଣ ଓ ନିର୍ଯାତନାର ବୃଦ୍ଧି ଘଟିଲେ ସେ ପ୍ରତିବାଦ କରିବାର ସାମର୍ଥ୍ୟ ମଧ୍ୟ ରଖେ । ଏହାର ନିଛକ ଚିତ୍ର ଏହି କାଳର ଉପନ୍ୟାସ ମାନଙ୍କରେ ଦେଖିବାକୁ ମିଳେ ।

ଜଣେ ଶିକ୍ଷିତା ନାରୀ ବହୁ ପରିବର୍ତ୍ତନ ଓ ଅଗ୍ରଗତିର ସାମର୍ଥ୍ୟ ରଖେ । ନିଜ ସମାଜର ବିକାଶ କ୍ଷେତ୍ରରେ ସେ ନେତୃତ୍ୱ ନେଇପାରେ । ନାରୀ ଶିକ୍ଷା ପାଇଁ ସରକାରଙ୍କର ବହୁ ଯୋଜନା ରହିଛି । ମାତ୍ର ଆଦିବାସୀ ସମାଜରେ ଏହି ଯୋଜନା ବା ପ୍ରକଳ୍ପର କାର୍ଯ୍ୟକାରୀ ହେବା ଲକ୍ଷ୍ୟ କରାଯାଉନାହିଁ । ୧୯୭୫ ପରବର୍ତ୍ତୀ ଆଦିବାସୀ ଉପନ୍ୟାସରେ ନାରୀଶିକ୍ଷାର କୌଣସି ଅଗ୍ରଗତି ଲକ୍ଷ୍ୟ କରାଯାଏ ନାହିଁ । 'ରକ୍ତର ରଙ୍ଗ' (୧୯୯୭)ର କଲ୍ୟାଣୀ, 'ଆମେ କୁଆଡେ ଯିବା ଶକୁନ୍ତଳା ?' (୨୦୦୩)ର ଶକୁନ୍ତଳା ପ୍ରଭୃତି ଚରିତ୍ର ନିଜ ସମୁଦାୟଠାରୁ ବିଚ୍ଛିନ୍ନ ରହି ବିଦ୍ୟାର୍ଜନ କରିଛନ୍ତି । ନିଜ ସମାଜ ମଧ୍ୟରେ ରହି କୌଣସି ନାରୀ ଶିକ୍ଷିତା ହୋଇଥିବାର ଚିତ୍ର ଉପନ୍ୟାସରେ ଦେଖାଯାଏ ନାହିଁ । ଆଦିବାସୀ ସମାଜର ବିକାଶ କ୍ଷେତ୍ରରେ ନାରୀଶିକ୍ଷା ନିତାନ୍ତ ଆବଶ୍ୟକ । କଲ୍ୟାଣୀ, ଶକୁନ୍ତଳା ଆଦି ଚରିତ୍ର ଶିକ୍ଷିତା ହେବାପରେ ନିଜ ସମାଜର ଅଗ୍ରଗତି ଦିଗରେ କାର୍ଯ୍ୟ କରିଛନ୍ତି । ଏହା ଦ୍ୱାରା ନାରୀଶିକ୍ଷାର ଗୁରୁତ୍ୱକୁ ଜାଣିହୁଏ ।

ଏହି ସମୟର ଆଦିବାସୀ ଉପନ୍ୟାସରେ ବିସ୍ଥାପନ ଏକ ମୁଖ୍ୟ ସମସ୍ୟା । ନିଜର ଭିଟାମାଟି, ସଂସ୍କୃତି, ଆତ୍ମୀୟସ୍ୱଜନଙ୍କ ଠାରୁ ବିଚ୍ଛିନ୍ନ ହୋଇ ଆଦିବାସୀ ମଣିଷର ଅସ୍ମିତା ଲୋପ ପାଏ । ସରକାରଙ୍କର ଏଥିପ୍ରତି ଅବହେଳା ଯୋଗୁଁ ଦେଖାଦିଏ ଆଦିବାସୀ ବିଦ୍ରୋହ, ମାଓବାଦ ଓ ନକ୍ସଲବାଦ । ଓଡ଼ିଆରେ ବିସ୍ଥାପନ କୈନ୍ଦ୍ରିକ ବହୁ ଆଦିବାସୀ ଉପନ୍ୟାସ ରଚିତ । ଏହି ଉପନ୍ୟାସମାନଙ୍କରେ ବିସ୍ଥାପିତା ନାରୀର ଚିତ୍ର ଦେଖାଯାଇଛି । 'ଆଦିମ ଅରଣ୍ୟ' (୧୯୯୫)ର ଧାନୀ, 'ପଲସା' (୨୦୧୫)ର ପଲସା ଓ ସୁଲି, 'ଡାଲିମ୍ ବୋଲି ଝିଅଟିଏ' (୨୦୦୧)ର ଡାଲିମ୍ ପ୍ରମୁଖ ନାରୀ ଚରିତ୍ର ବିସ୍ଥାପିତ ହେବା ପରେ ନାନା ସମସ୍ୟା ଓ ଶୋଷଣର ଶିକାର ହୋଇଛନ୍ତି । ନିଜ ସଂପ୍ରଦାୟଠାରୁ ବିଚ୍ଛିନ୍ନ ସଭ୍ୟ ମଣିଷଙ୍କ ଗହଣରେ ଆଦିବାସୀ ନାରୀଟିଏ କାହିଁକି ଏବଂ କିପରି ଅସୁରକ୍ଷିତ ତାହା ପଲସା, ଚିନି, ସୁଲି, ଡାଲିମ୍ ପ୍ରଭୃତି ଚରିତ୍ର ମଧ୍ୟରେ ଫୁଟିଉଠିଛି ।

୧୯୭୫ ପୂର୍ବବର୍ତ୍ତୀ ଆଦିବାସୀ ଉପନ୍ୟାସରେ ନାରୀ ଏକ ପାରଂପାରିକ ସମାଜର ପ୍ରତିନିଧିତ୍ୱ କରୁଛି । ସେହିପରି ୧୯୭୫ ପରବର୍ତ୍ତୀ ସମୟର ଆଦିବାସୀ ଉପନ୍ୟାସରେ ମଧ୍ୟ ବହୁ ପ୍ରତିନିଧି ଶ୍ରେଣୀୟ ନାରୀଚରିତ୍ର ଦେଖାଯାନ୍ତି । ଡାଲିମ୍, ଶକୁନ୍ତଳା ପ୍ରମୁଖ ଚରିତ୍ର ନିର୍ଯାତିତା ନାରୀମାନଙ୍କର ପ୍ରତିନିଧିତ୍ୱ କରନ୍ତି । ପଲସା, ଝିଲି ପ୍ରମୁଖ ନାରୀଚରିତ୍ର ମାନେ ପ୍ରତିବାଦୀ ନାରୀମାନଙ୍କର ଏବଂ ନାରୀର ସ୍ୱାଭିମାନ, ଆଦର୍ଶ, ଆତ୍ମମର୍ଯ୍ୟାଦାର ପ୍ରତିନିଧିତ୍ୱ କରିଛନ୍ତି । 'ରକ୍ତର ରଙ୍ଗ' (୧୯୯୭)ର କଲ୍ୟାଣୀ, 'ଅରଣ୍ୟର ଅରୁନ୍ଧତୀ' (୨୦୧୧)ର ସଉରୀ ପ୍ରମୁଖ ନାରୀ ଚରିତ୍ରମାନେ ଆଦିବାସୀ ସମାଜର ବିକାଶ ଏବଂ ପରିବର୍ତ୍ତନର ଭାର ଉଠାଇଛନ୍ତି । ଏଣୁ ଏମାନେ ସାମାଜିକ ବିକାଶ କ୍ଷେତ୍ରରେ ଅଗ୍ରଭାଗରେ ନେତୃତ୍ୱ ନେଉଥିବା ନାରୀମାନଙ୍କର ପ୍ରତିନିଧିତ୍ୱ କରନ୍ତି । ଏ ନାରୀ ଚରିତ୍ରମାନେ ଏହି କାଳର ଉପନ୍ୟାସରେ ପରିବର୍ତ୍ତିତ ସମୟର ସୂତ୍ରଧର ସାଜିଛନ୍ତି । ଉପନ୍ୟାସରେ ଏମାନଙ୍କ ସଂସ୍କୃତିଗତ ଚିତ୍ର ନଥିଲେ ହେଁ ନାରୀ ବିକାଶର ଚିତ୍ର ବହୁ ପରିମାଣରେ ଦେଖାଯାଏ ।

ଦାରିଦ୍ର୍ୟ ଏବଂ ଶୋଷଣ ହିଁ ଆଦିବାସୀମାନଙ୍କର ଚାରିତ୍ରିକ ବୈଶିଷ୍ଟ୍ୟକୁ କ୍ଷୁର୍ଣ୍ଣ କରିବାର ମୁଖ୍ୟ କାରଣ । ଓଡ଼ିଆ ଆଦିବାସୀ ଉପନ୍ୟାସ ମଧ୍ୟରେ ବହୁ ନାରୀ ଚରିତ୍ରଙ୍କ ଚାରିତ୍ରିକ ବୈଶିଷ୍ଟ୍ୟର ଅବକ୍ଷୟ ଘଟିଥିବା ଦେଖାଯାଏ । ଭାଗୀରଥି ନେପାକଙ୍କ 'ରାଉରକେଲାର ସ୍ମୃତି'(୧୯୮୩)ରେ ଦାରିଦ୍ର୍ୟର ବଶବର୍ତ୍ତୀ ହୋଇ ଓରାଓଁ ଯୁବତୀମାନେ ନିଜର ଦେହ ବିକ୍ରି କରିଛନ୍ତି । ଡାଲିମ, ଶକୁନ୍ତଳା ପ୍ରମୁଖ ଚରିତ୍ରମାନେ ଦାରିଦ୍ର୍ୟର ଦୂରୀକରଣ ପାଇଁ ନିଜ ସମାଜଠାରୁ ବିଚ୍ଛନ୍ନ ହୋଇ ସଭ୍ୟ ସମାଜରେ ବସବାସ କରିଛନ୍ତି । ନାରୀ ଚରିତ୍ରମାନଙ୍କ ଅସହାୟ ଅବସ୍ଥା ଯୋଗୁଁ ହିଁ ସେମାନଙ୍କର ଅବକ୍ଷୟ ଘଟିଛି । ଫଳରେ ଏମାନଙ୍କର ଜୀବନ ପ୍ରତି ମୋହ, ପରିଶ୍ରମ ମନୋବୃତ୍ତି, ନୈତିକ ମୂଲ୍ୟବୋଧ ଇତ୍ୟାଦି ହ୍ରାସ ପାଇଛି । ଏହି କାଳର ଉପନ୍ୟାସମାନଙ୍କରେ ଆଦିବାସୀ ନାରୀର ଅବକ୍ଷୟୀ ସ୍ୱରୂପ ଏକ ଆକର୍ଷଣ ସୃଷ୍ଟିକରେ ।

୧୯୭୫ ପରବର୍ତ୍ତୀ ଓଡ଼ିଆ ଆଦିବାସୀ ଉପନ୍ୟାସରେ ନାରୀର ପରିବର୍ତ୍ତିତ ସ୍ୱରୂପ ଦେଖିବାକୁ ମିଳେ । ଉପନ୍ୟାସରେ ତାର ସଂସ୍କୃତିଗତ ରୂପ ଦେଖାଯାଇନାହିଁ ବରଂ; ଖାଦ୍ୟପେୟ, ବେଶପୋଷାକ, ପ୍ରେମ, ବିବାହ, ପରିବାର, ସମାଜ, ଜୀବନଯାପନ ଶୈଳୀରେ ଆଧୁନିକ ସଭ୍ୟତାର ଛାପ ସ୍ପଷ୍ଟ ବାରିହୁଏ । ଏହି

ପରିବର୍ତ୍ତନ 'ଲରେ ୧୯୭୫ ପୂର୍ବବର୍ତ୍ତୀ ଏବଂ ପରବର୍ତ୍ତୀ କାଳର ନାରୀ ମ୍ନସ୍ଥ ବିବିଧତା ସ୍ପଷ୍ଟ ଜାଣିହୁଏ ।

**ଆଦିବାସୀ ଉପନ୍ୟାସରେ ଅଣଆଦିବାସୀ ନାରୀ :**

ଆଦିବାସୀ ହେଉ କିମ୍ବା ଅଣଆଦିବାସୀ, ପ୍ରତ୍ୟେକ ସମାଜରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନାରୀକୁ କେବଳ ମା, ଭଉଣୀ, ଝିଅ, ସ୍ତ୍ରୀ ଦୃଷ୍ଟିରୁ ବିଚାର ନକରି ବରଂ ତାର ପ୍ରତ୍ୟେକଟି ସୂକ୍ଷ୍ମ ଦିଗ ପ୍ରତି ସମ୍ମାନ ଦେବା ଆବଶ୍ୟକ । ଉପନ୍ୟାସ ମଧ୍ୟରେ ନାରୀ ମୁଖ୍ୟ, ଗୌଣ, ଖଳ ଆଦି ବହୁ ରୂପରେ ଆସିଛି । ନିଜର ସାମର୍ଥ୍ୟ ଅନୁଯାୟୀ ସେ କର୍ତ୍ତବ୍ୟ କରିଛି । ୧୯୭୫ ପୂର୍ବବର୍ତ୍ତୀ ଆଦିବାସୀ ଉପନ୍ୟାସରେ ପ୍ରାୟତଃ ଅଣଆଦିବାସୀ ନାରୀ ଚରିତ୍ର ଦେଖାଯାନ୍ତି ନାହିଁ । ସେତେବେଳର ଆଦିବାସୀ ସମାଜ ସଭ୍ୟ ସମାଜର ସଂସ୍ପର୍ଶରେ ବିଶେଷ ଆସିନଥିଲା । ହୁଏତ ଏହା ହିଁ କାରଣ ଯେ ଏହିକାଳର ଉପନ୍ୟାସରେ ଅଣଆଦିବାସୀ ନାରୀ ଚରିତ୍ର ସ୍ଥାନ ପାଇନାହାଁନ୍ତି । ୧୯୭୫ ପରବର୍ତ୍ତୀ ସମୟର ଉପନ୍ୟାସରେ ଏହି ରୀତିର ବ୍ୟତିକ୍ରମ ଲକ୍ଷ୍ୟ କରାଯାଏ । ପ୍ରତ୍ୟେକ ଆଦିବାସୀ ଉପନ୍ୟାସ ମଧ୍ୟରେ ଉଭୟ ଆଦିବାସୀ ଓ ଅଣଆଦିବାସୀ ନାରୀ ଚରିତ୍ର ଦେଖାଯା'ନ୍ତି । ଏହି ଅଣଆଦିବାସୀ ନାରୀ ଚରିତ୍ରମାନେ କେତେକ ସ୍ଥାନରେ ଆଦିବାସୀ ସମାଜର ବିକାଶ ସାଧନରେ ସହାୟକ ହୋଇଛନ୍ତି ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ନେଇଛନ୍ତି । 'ପଲସା'(୨୦୧୫)ର ମାଲା, 'କାହାଣୀ ସବୁଜ ଉପତ୍ୟକା'ର ଯମୁନା, 'ଡାଲିମ୍ ବୋଲି ଝିଅଟିଏ'ର ତନିମା ପ୍ରଭୃତି ଚରିତ୍ର ଆଦିବାସୀ କଲ୍ୟାଣ ଦିଗରେ କାର୍ଯ୍ୟ କରିଛନ୍ତି । 'ଜଙ୍ଗଲୀ'ର ସୁଦୀପ୍ତା, କାହାଣୀ ଏକ ଆଦିମ ପରିବାରର'ର ଉମା ପ୍ରଭୃତି ନାରୀ ଚରିତ୍ର ଆଦିବାସୀ ସମାଜରେ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । 'ଆଦିମ ଅରଣ୍ୟ'ର ମେଘମାଳା, 'ଆମେ କୁଆଡେ ଯିବା ଶକୁନ୍ତଳା ?'ର ରୀତା ସିଂ ପ୍ରଭୃତି ନାରୀ ଚରିତ୍ର ଖଳ ଭୂମିକାରେ ଦେଖାଦେଇଛନ୍ତି । ଏମାନେ ଆଦିବାସୀ ସଂସ୍କୃତି ବିରୋଦ୍ଧରେ କାର୍ଯ୍ୟ କରିଛନ୍ତି । ଆଦିବାସୀ ସମାଜରେ ନାରୀର ସ୍ୱତନ୍ତ୍ର ସ୍ଥାନ ରହିଛି । ଏହା ଅଣଆଦିବାସୀ ସମାଜରେ ଦେଖାଯାଏନାହିଁ । କେତେକ ସ୍ଥାନରେ ଆଦିବାସୀ ନାରୀ ବିନା ବାଛବିଚାରରେ ଚଳୁଥିବା ବେଳେ ଅଣଆଦିବାସୀ ନାରୀଟିଏ ସଂକୋଚ କରିଥାଏ । ସେହିପରି ସଭ୍ୟ ସମାଜରେ ଆଦିବାସୀ ନାରୀଟିଏ ବହୁ ସ୍ଥାନରେ ଚଳିବାରେ ସଂକୋଚ କରେ । ଉପନ୍ୟାସ ମଧ୍ୟରେ ଉଭୟ ସମାଜର ନାରୀଙ୍କ ଭିତରେ ନାନା ସମାନତା ଓ ବିବିଧତା ଦେଖାଯାଏ । ଯେପରିକି, ଆଦିବାସୀ ନାରୀ ସହନଶୀଳା ଏବଂ ଅନ୍ୟର ଖୁସି ପାଇଁ ସେ ତ୍ୟାଗ କରିପାରେ । ଅଣଆଦିବାସୀ ନାରୀ କେତେକ ସ୍ଥଳରେ ନିଜର ଖୁସି ପାଇଁ ଅନ୍ୟକୁ କଷ୍ଟ ଦେଇଛି । ଆଦିବାସୀ ନାରୀ ଲାଗି ତାର ଆତ୍ମସମ୍ମାନ ମୁଖ୍ୟ । ମାତ୍ର ଅଣଆଦିବାସୀ ନାରୀ ଆବଶ୍ୟକ ସ୍ଥଳେ ନିଜର ସ୍ୱାଭିମାନକୁ ଭୁଲି ଯାଇଛି । ଆଦିବାସୀ ନାରୀ ପାଖରେ ସଂପର୍କର ମୂଲ୍ୟ ବହୁତ ବେଶୀ ମାତ୍ର; ଏହା ଅଣଆଦିବାସୀ ନାରୀ ପାଖରେ ପ୍ରାୟତଃ ଦେଖାଯାଇ ନାହିଁ । ସେହିପରି ସମାନତା ଭାବରେ ଦେଖା ଦେଇଛି, ଆଦିବାସୀ ଓ ଅଣଆଦିବାସୀ ନାରୀ ଉଭୟେ ଆଦିବାସୀ ସମାଜର ବିକାଶ ନିମନ୍ତେ କାର୍ଯ୍ୟ କରିଛନ୍ତି । ଆଦିବାସୀ ନାରୀ ଶୋଷଣର ଶିକାର ହେଉଥିବା ବେଳେ ଉଭୟ ସମାଜର ନାରୀ ମିଳିମିଶି ପ୍ରତିବାଦ କରିଛନ୍ତି । ଆଦିବାସୀ ସମାଜର କେତେକ ବିଶ୍ୱାସ, ତନ୍ତ୍ରମନ୍ତ୍ର ଆଦିକୁ ଅଣଆଦିବାସୀ ନାରୀ ମ୍ନ ଗ୍ରହଣ କରିଛି । ଆବଶ୍ୟକ ସ୍ଥଳେ ଉଭୟେ ସମାଜର ନାରୀ ନିଜନିଜ ସମାଜର ବିରୁଦ୍ଧରେ ସ୍ୱରୋତ୍ତଳନ କରିଛନ୍ତି । ଉପନ୍ୟାସ ମ୍ନରେ ଅଣଆଦିବାସୀ ନାରୀ ବହୁ ରୂପରେ ଆସିଛି । କେତେକ ସ୍ଥାନରେ ତାର ଭୂମିକା ଆଦିବାସୀ ନାରୀ ଠୁଁ ବେଶୀ ଗୁରୁତ୍ୱପୂର୍ଣ୍ଣ ମନେହୁଏ । କେତେକ ସ୍ଥାନରେ ତାର ଖରାପ ଦିଗକୁ ମଧ୍ୟ ଦେଖାଇ ଦିଆଯାଇଛି । ଯାହାଦ୍ୱାରା ଉଭୟ ସମାଜର ନାରୀଙ୍କୁ ଚିହ୍ନିବା ସହଜ ମନେହୁଏ ।

ପ୍ରତ୍ୟେକ ସାହିତ୍ୟିକ କୃତି ରଚିତ ହେବା ପଛରେ କେତେକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନିହିତ ଥାଏ । ସାହିତ୍ୟିକ କୌଣସି ନିର୍ଦ୍ଦିଷ୍ଟ ଇଚ୍ଛା ରଖି ବିଚାରଶକ୍ତିର ପ୍ରୟୋଗ କରିଥାନ୍ତି । କାହାଣୀ, ଚରିତ୍ର, ପରିବେଶ, ଭାଷା ଇତ୍ୟାଦି ସମ୍ମାନର ସହିତ ଗୋଟିଏ କାନ୍‌ଭାସରେ ଉତାରି ଥା'ନ୍ତି । ସମାଜରେ ଘଟୁଥିବା ବିଭିନ୍ନ ଘଟଣା, ସମସ୍ୟା, ମଣିଷର ଜୀବନଶୈଳୀ ଆଦିକୁ ସାଧାରଣ ମଣିଷମାନଙ୍କ ପାଖରେ ଉପସ୍ଥାପନ କରିବା ହିଁ ଔପନ୍ୟାସିକର ଉଦ୍ଦେଶ୍ୟ ହୋଇଥାଏ । ଏହା ଦ୍ୱାରା ସେ ସମାଜରେ ସଂସ୍କାର ଆଣିବାକୁ ଏବଂ ବାର୍ତ୍ତା ଦେବାର ପ୍ରୟାସ କରିଥାନ୍ତି । ଓଡ଼ିଆ ଆଦିବାସୀ ଉପନ୍ୟାସରେ ଔପନ୍ୟାସିକମାନେ ଆଦିବାସୀମାନଙ୍କ ଜୀବନଶୈଳୀ, ସଂସ୍କୃତି, ସମସ୍ୟା, ସମାଜ ଆଦି ସଂପର୍କରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଆଦିବାସୀମାନଙ୍କ ଶିକ୍ଷା, ଭାଷା, ପ୍ରଗତି ପ୍ରଭୃତି କାହିଁକି ବାଧାପ୍ରାପ୍ତ ଏବଂ ଏଥିପ୍ରତି ସରକାରଙ୍କର କି କି ଯୋଜନା ରହିଛି ତାହା ଉପନ୍ୟାସରେ ଦେଖାଇ ଦିଆଯାଇଛି । ଫଳରେ ଆଦିବାସୀ ସମାଜ ସଂପର୍କୀତ ଏକ ଧାରଣା ସାଧାରଣ ମଣିଷ ପାଇପାରୁଛି । କେତେକ ଉପନ୍ୟାସରେ ଔପନ୍ୟାସିକମାନେ ନାରୀ ଚରିତ୍ରଙ୍କୁ ଗୁରୁତ୍ୱ ଦେଇଛନ୍ତି । ସେହି ଚରିତ୍ରମାନଙ୍କ ମାଧ୍ୟମରେ ସମାଜରେ ସଂସ୍କାର ଆଣିବାର ବାର୍ତ୍ତା ପ୍ରଦତ୍ତ । ନାରୀକୁ ଗୁରୁତ୍ୱ ପ୍ରଦାନ କରାଯାଇ ପ୍ରାୟ ପଚିଶଟି ଆଦିବାସୀ ଉପନ୍ୟାସ ରଚିତ । ଏଥିରେ ନାରୀଚରିତ୍ରମାନଙ୍କୁ ଗୁରୁତ୍ୱ ଦେବା ପଛରେ ଔପନ୍ୟାସିକମାନଙ୍କର କେତେକ ଉଦ୍ଦେଶ୍ୟ ନିହିତ । ସେଥିମଧ୍ୟରେ ରହିଛି ଆଦିବାସୀ ନାରୀ ଚରିତ୍ରର ସାଂସ୍କୃତିକ ଏବଂ ଚାରିତ୍ରିକ ବୈଶିଷ୍ଟ୍ୟ ପ୍ରତିପାଦନ । ଆଦିବାସୀ ନାରୀର ସମସ୍ୟା, ଶୋଷଣ, ବିସ୍ଥାପନ ଇତ୍ୟାଦି ଦିଗପ୍ରତି ଦୃଷ୍ଟି ଆକର୍ଷଣ । ନାରୀର ଉନ୍ନତି କ୍ଷେତ୍ରରେ ଶିକ୍ଷାର ଆବଶ୍ୟକତା । ଆଦିବାସୀ ସମାଜର ବିକାଶ ଏବଂ ଅପରାଧ ପ୍ରବଣ ଆଦିବାସୀ ସଂପ୍ରଦାୟର (ଲୋଧା) ପରିବର୍ତ୍ତନରେ ନାରୀର ଭୂମିକା । ପୁରୁଷ ଏବଂ ନାରୀ ମଧ୍ୟରେ ଥିବା ସ୍ୱାତନ୍ତ୍ର୍ୟ ପ୍ରତି ଦୃଷ୍ଟି ଆକର୍ଷଣ । ଆଦିବାସୀ ଏବଂ ଅଣଆଦିବାସୀ ସମାଜରେ ନାରୀର ସ୍ୱରୂପ । ଆଦିବାସୀ ନାରୀର ଅସ୍ମିତା ଲୋପର କାରଣ ପ୍ରତି ଦୃଷ୍ଟି ଆକର୍ଷଣ ।

ସମାଜ ପାଇଁ ଏହି ଚରିତ୍ରମାନଙ୍କର ପ୍ରୟୋଜନିୟତା ସଂପର୍କରେ ଉପନ୍ୟାସମାନଙ୍କରୁ ସ୍ପଷ୍ଟ ବୁଝାପଡେ । 'ଆଦିଭୂମି' (୧୯୯୩), 'ଜଙ୍ଗଲୀ', 'ଡାଲିମ୍ ବୋଲି ଝିଅଟିଏ' (୨୦୦୧) ଉପନ୍ୟାସ ତ୍ରୟ ନାରୀ ଔପନ୍ୟାସିକାଙ୍କ ଦ୍ୱାରା ରଚିତ । ଜଣେ ନାରୀ ଦୃଷ୍ଟିରେ ଅନ୍ୟ ସମାଜର ନାରୀ କିପରି ତାହା ଏହି ଉପନ୍ୟାସ ତ୍ରୟରେ ରୂପ ପାଇଛି,ଏବଂ ଉକ୍ତ ନାରୀ ଚରିତ୍ରମାନଙ୍କର ବୈଶିଷ୍ଟ୍ୟ, ପ୍ରୟୋଜନ ଇତ୍ୟାଦି ସଂପର୍କରେ ଏଥିରୁ ଜାଣିହୁଏ । ମନୁଷ୍ୟ ସମାଜରେ ଆଦିବାସୀ ସମାଜ ଏକ ବଳିଷ୍ଠ ସମାଜ । ଏମାନେ ନିଜର ପ୍ରଥା, ପରଂପରା ଏବଂ ସଂସ୍କୃତିକୁ ସମ୍ମାନ କରିଥାନ୍ତି । ଏମାନଙ୍କ ଜୀବନଶୈଳୀ ଅନ୍ୟମାନଙ୍କଠାରୁ ଭିନ୍ନ । ସାଧାରଣତଃ ଆଦିବାସୀମାନେ ଗୋଷ୍ଠୀଗତ ଜୀବନ ଅତିବାହିତ କରିଥାନ୍ତି । ଏମାନଙ୍କ ସମାଜରେ ନାରୀର ପ୍ରାଧାନ୍ୟ ଅଧିକ । ସାମାଜିକ, ସାଂସ୍କୃତିକ, ଆର୍ôଥନୀତିକ କ୍ଷେତ୍ରକୁ ସୁଦୃଢ କରିବାରେ ଏହି ନାରୀମାନଙ୍କର ବଳିଷ୍ଠ ଭୂମିକା ରହିଥାଏ । ଓଡ଼ିଆ ସାହିତ୍ୟରେ ଆଦିବାସୀ ନାରୀ ଜୀବନ କୈନ୍ଦ୍ରିକ ପ୍ରାୟ ପଚିଶରୁ ଉର୍ଦ୍ଧ୍ୱ ଉପନ୍ୟାସ ରଚିତ ହୋଇସାରିଛି । ଏଗୁଡ଼ିକ ପାଠକଙ୍କୁ ଆଦିବାସୀ ସମାଜ ଓ ସଂସ୍କୃତିର ନିକଟତର କରାଏ ।

ପ୍ରଥମ ଆଦିବାସୀ ଉପନ୍ୟାସ 'ଭୀମା ଭୂୟାଁ' (୧୯୦୮)ରେ ଔପନ୍ୟାସିକ ଗୋପାଳବଲ୍ଲଭ ଦାସ ଭୂୟାଁ ସଂପ୍ରଦାୟର ଜୀବନ ସଂପର୍କରେ ଗୁରୁତ୍ୱାରୋପ କରିଛନ୍ତି । ମାତ୍ର ଏଥିମଧ୍ୟରେ ଆଦିବାସୀ ନାରୀକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଇନାହିଁ । ଏହାର ପରବର୍ତ୍ତୀ କାଳରେ ଗୋପୀନାଥ ମହାନ୍ତିଙ୍କ 'ପରଜା' (୧୯୪୫), 'ଅମୃତର ସନ୍ତାନ' (୧୯୪୯) ଆଦି ଉପନ୍ୟାସ ପାଠକଙ୍କୁ ଆଦିବାସୀ ନାରୀର ଜୀବନ ସହିତ ପରିଚିତ କରାଇଛି । ଏହି ଉପନ୍ୟାସରେ ନାରୀ ପ୍ରତି ସାହୁକାରର ଅତ୍ୟାଚାର, ନାରୀର ସ୍ୱାଭିମାନୀ ରୂପ ଏବଂ ନାରୀର ନିଜ ସମାଜରେ ଥିବା ଭୂମିକା ଦେଖିବାକୁ ମିଳେ । ଆଦିବାସୀ ନାରୀର ଜୀବନଶୈଳୀକୁ ଏହି ଉପନ୍ୟାସ ଦ୍ୱୟରୁ ବୁଝି ହୁଏ । ଏ ରୀତି ଏଯାବତ ଚଳିଆସୁଛି । ଫଳରେ ନାରୀକୁ ଭିନ୍ନ ଭିନ୍ନ ରୂପରେ ଉପନ୍ୟାସ ମଧ୍ୟରେ ଚିତ୍ରଣ କରାଯାଉଛି । ପ୍ରକୃତରେ ଏହି ନାରୀ ଚରିତ୍ରମାନେ ହିଁ ଉପନ୍ୟାସଗୁଡିକୁ ଅଧିକ ଜୀବନ୍ତ କରି ଗଢ଼ିତୋଳନ୍ତି । ୧୯୪୫-୨୦୨୦ ମଧ୍ୟରେ ରଚିତ ଆଦିବାସୀ ଉପନ୍ୟାସରେ ନାରୀ ଚରିତ୍ରମାନେ ନିଜର ସମାଜିକ, ସାଂସ୍କୃତିକ ଓ ଆର୍ôଥନୀତିକ କର୍ତ୍ତବ୍ୟକୁ ନିଖୁଣ ଭାବରେ ସଂପାଦନ କରିଛନ୍ତି । ସମାଜ ଓ ଗୋଷ୍ଠୀ ସହିତ ଏମାନଙ୍କ ନିବିଡ଼ ସଂପର୍କ ରହିଛି । ପ୍ରଥା ପରଂପରାକୁ ସମ୍ମାନ ପ୍ରଦର୍ଶନ କରି ଏମାନେ ନୀତିନିୟମ ଅନୁସାରେ ଚଳିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ଅର୍ôଥନୀତି କ୍ଷେତ୍ରରେ ନାରୀମାନଙ୍କ ଉପରେ ଆଦିବାସୀ ପରିବାର ବିଶେଷ ନିର୍ଭର କରିଥାଏ । ଏଣୁ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଔପନ୍ୟାସିକମାନେ କେତେକ ନାରୀଚରିତ୍ର ମଧ୍ୟରେ ପରିବର୍ତ୍ତନ ଆଣିବାକୁ ପ୍ରୟାସ କରିଥିଲେ ହେଁ ଏହି ଚରିତ୍ରମାନେ ନିଜ ପରଂପରାରୁ ଉର୍ଦ୍ଧ୍ୱକୁ ଯାଇ ସଂପୂର୍ଣ୍ଣ ସ୍ୱତନ୍ତ୍ର ରୂପ ଧାରଣ କରିପାରିନାହାଁନ୍ତି । ସଭ୍ୟ ସମାଜର ସଂସ୍ପର୍ଶରେ ଏମାନଙ୍କ ସମାଜିକ, ସାଂସ୍କୃତିକ, ଆର୍ôଥନୀତିକ ଜୀବନରେ କେତେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇପାରେ । ଏମାନଙ୍କ ବେଶଭୂଷା, ଖାଦ୍ୟପେୟ, ଜୀବନଶୈଳୀରେ ପରିବର୍ତ୍ତନ ଆସିଛି । ମାତ୍ର ଏମାନେ ଅଣଆଦିବାସୀ ମଣିଷଙ୍କ ଦ୍ୱାରା ପ୍ରତାରିତ ହୋଇଛନ୍ତି ଏବଂ ପ୍ରତିବାଦ

ମଧ୍ୟ କରିଛନ୍ତି । ଏହା ସତ୍ତ୍ୱେ ମଧ୍ୟ ଏହି ନାରୀ ଚରିତ୍ରମାନେ ନିଜ ସମାଜ ଓ ସଂସ୍କୃତିଠାରୁ ବିଚ୍ଛିନ୍ନ ହୋଇ ବେଶୀ ଦୂର ଯାଇପାରି ନାହାନ୍ତି । ଯଥାର୍ଥରେ ଆଦିବାସୀ ନାରୀ ସମଗ୍ର ନାରୀ ଜାତି ପାଇଁ ଉଦାହରଣ ସାଜିପାରେ ତାହା ଅସ୍ୱୀକାର କରାଯାଇ ନପାରେ ।

**ସହାୟକ ଗ୍ରନ୍ଥସୂଚୀ :**

**ଓଡ଼ିଆ ସମାଲୋଚନାତ୍ମକ ଗ୍ରନ୍ଥସୂଚୀ**


୧. ଚାନ୍ଦ, ଶ୍ରୀମତୀ ଅଳକା, ଆରଣ୍ୟକର ଇତିବୃତ୍ତ : ଆଦିବାସୀ ଜୀବନ ଓ ସଂସ୍କୃତି, ଇମେଜ ପବ୍ଲିକେଶନ୍ସ, ୪୩୨୩ ସି, ଲୁଇସ୍ ରୋଡ୍, ଭୁବନେଶ୍ୱର-୭୫୧୦୦୨, ପ୍ରଥମ ପ୍ରକାଶନ - ୨୦୦୨ ।

୨. ଦାସ, ଡ. ସୁଲୋଚନା, ଓଡ଼ିଆ ଉପନ୍ୟାସରେ ଆଦିବାସୀ ଜୀବନଚର୍ଯ୍ୟା, ବିଦ୍ୟାପୁରୀ, ବାଲୁବଜାର, କଟକ, ପ୍ରଥମ ପ୍ରକାଶ- ୨୦୧୫ ।

୩. ପ୍ରଧାନ, ସବିତା, ଉପନ୍ୟାସର ଅବବୋଧ, ଅଗ୍ରଦୂତ, କଟକ, ପ୍ରଥମ ପ୍ରକାଶ -୨୦୦୪ ।

୪. ହେମ୍ବ୍ରମ୍, ଲିପି, ଗୋପୀନାଥ ଉପନ୍ୟାସରେ ଆଦିବାସୀ ନାରୀର ଜୀବନଚର୍ଯ୍ୟା, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ, ପ୍ରଥମ ପ୍ରକାଶ – ୧୯୯୩ ।


**ଇଂରାଜୀ ସମାଲୋଚନାତ୍ମକ ଗ୍ରନ୍ଥସୂଚୀ**


1. Chaudhary, S.N., Tribal Women Yesterday, Today And Tomorrow, Rawat Publications, Satyam Apts, Sector 3, Jawahar Nagar, Jaipur 302004 (India), 2015.

2. De, Debasree, A History of Adivasi Women in Post – Independence Eastern India, Saga Publications Inc, Los Angeles, London, New Delhi, First Published 2018.


**ଓଡ଼ିଆ ପତ୍ରପତ୍ରିକା :**


ଓଡ଼ିଶାର ଆଦିବାସୀ (The Tribes of Odissa), କୋରାପୁଟ ଜିଲ୍ଲା ସାମ୍ବାଦିକ ସଂଘ, ଅଗଷ୍ଟ ୧୨, ୨୦୦୪ ।



ଗବେଷିକା
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ବିଶ୍ୱଭାରତୀ, ଶାନ୍ତିନିକେତନ, ପଶ୍ଚିମବଙ୍ଗ